ସକାଳ
THE SAKALA



## ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି

# ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଗୁରୁତ୍ୱପୂର୍ଣ୍ଣ

ବଲାଙ୍ଗିର, ୧୮ ।୬(ସମିସ)






ଆସନ୍ନ ବାତ୍ୟା ଓ ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଏବଂ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ପାଇଁ ଆଜି ଜିଲ୍ଲାପାଳଙ୍କ ସଭାଗୃହରେ ଜିଲ୍ଲା ସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଆୟୋଜିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସଂଯୁକ୍ତ ପ୍ରୟାସରେ ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ବଲାଙ୍ଗିର ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ନିର୍ଦ୍ଦେଶକ୍ରମେ ବସିଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମୃତ ପଣ୍ଡା, ଓଏସଡିଏମ୍‌ର ରାଜ୍ୟ ପର୍ଯ୍ୟବେକ୍ଷକ ପ୍ରଭୁଦତ୍ତ ପାଢ଼ୀ ଉପସ୍ଥିତ ଥିଲେ। ଏହି ଅଭ୍ୟାସ କାର୍ଯ୍ୟକ୍ରମରେ ବିପର୍ଯ୍ୟୟ ସମୟରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା। ଏକ କାଳ୍ପନିକ ବାତ୍ୟା କିମ୍ବା ବନ୍ୟା ପରିସ୍ଥିତି ସୃଷ୍ଟି କରାଯାଇ ଜରୁରୀକାଳୀନ ସମୟରେ କିପରି ତୁରନ୍ତ ଓ ପ୍ରଭାବଶାଳୀ ପଦକ୍ଷେପ ନିଆଯିବ ସେଥିପାଇଁ ବିସ୍ତୃତ ସମୀକ୍ଷା କରାଯାଇଲା। ଶୂନ୍ୟ ମୃତାହତ ଲକ୍ଷ୍ୟକୁ ଧ୍ୟାନରେ ରଖି ଶ୍ରୀ ତରଣୀ ସୁନା ସମସ୍ତ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଶୂନ୍ୟ ମୃତାହତ ନୀତିକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଆହ୍ୱାନ କରିଥିଲେ। ଜିଲ୍ଲା ଓ ବ୍ଲକ ସ୍ତରରେ ୨୪ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ କରାଯାଇଛି। ଜନସାଧାରଣଙ୍କ ସୁବିଧା ପାଇଁ ଜିଲ୍ଲା ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ୦୬୬୫୨-୨୩୦୯୬୯ ଓ ୯୪୩୮୭୭୬୩୯୪ ଜାରି କରାଯାଇଛି। ସମସ୍ତ ଡାକ୍ତରଖାନା ଓ ଉପକେନ୍ଦ୍ରରେ ସ୍ୱତନ୍ତ୍ର ମେଡିକାଲ୍ ଟିମ୍ ଗଠନ କରାଯାଇ ସାପ କାମୁଡ଼ା ଇଞ୍ଜେକ୍ସନ୍ ଓ ଓଆରଏସ ପର୍ଯ୍ୟାପ୍ତ ମାତ୍ରାରେ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ବିପର୍ଯ୍ୟୟ ସମୟରେ ପ୍ରତି ବ୍ଲକରେ ଶୁଖିଲା ଖାଦ୍ୟ, କିରୋସିନ୍, ପଲିଥିନ୍ ଓ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନଦୀ ଓ କେନାଲ୍ ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ମରାମତି କରିବା, ଡ୍ରେନେଜ୍ ବ୍ୟବସ୍ଥା ସଚଳ ରଖିବା ଓ ବର୍ଷାଜଳର ଅବାଧ ପ୍ରବାହ ସୁନିଶ୍ଚିତ କରିବା ପାଇଁ ଜଳସେଚନ, ପଞ୍ଚାୟତିରାଜ ଓ ସହରାଞ୍ଚଳ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଜାରି କରାଯାଇଛି। ପଶୁ ସମ୍ପଦ ବିଭାଗକୁ ପଶୁ ଟୀକାକରଣ ଓ ଚିକିତ୍ସା ସେବା ପାଇଁ ସଜାଗ ରହିବାକୁ କୁହାଯାଇଛି। କୃଷି ବିଭାଗକୁ ବନ୍ୟା ପରବର୍ତ୍ତୀ କୃଷି ସହାୟତା ଯୋଜନା ପ୍ରସ୍ତୁତ କରିବା ସହିତ ବିହନ, ସାର ଓ କୀଟନାଶକର ଉପଲବ୍ଧତା ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି। ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ତୁରନ୍ତ ରାସ୍ତା ସଫା, ବିଦ୍ୟୁତ ଓ ଜଳ ଯୋଗାଣ ସ୍ୱାଭାବିକ କରିବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଦାୟିତ୍ୱ ବଣ୍ଟନ କରାଯାଇଛି। ଜିଲ୍ଲାବାସୀଙ୍କୁ ଗୁଜବରେ ବିଶ୍ୱାସ ନ କରି ପ୍ରଶାସନ ଦ୍ୱାରା ଜାରି ହେଉଥିବା ସୂଚନା ଓ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବାକୁ ଅନୁରୋଧ କରାଯାଇଛି। ଆଜିର ଏହି ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍ ବୈଠକରେ ଲୋୟର ସୁକତେଲ ପ୍ରକଳ୍ପର ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ଭୋଇ, ଉଠା ଜଳ ସେଚନର ଅଧୀକ୍ଷଣ ଯନ୍ତ୍ରୀ ରବୀନ୍ଦ୍ରନାଥ ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବିଜୟଲକ୍ଷ୍ମୀ ନିଶାଙ୍କ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା, ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝିଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ବୈଠକ ଶେଷରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭିନା ଭୋଇ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

**କଣ୍ଟାବାଞ୍ଜି:** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ସଭାଗୃହରେ ଗୁରୁବାର ବଙ୍ଗୋମୁଣ୍ଡା ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ବଙ୍ଗୋମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିତୁଶ୍ରୀ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିପର୍ଯ୍ୟୟ ମୁକାବିଲା କରିବା ପାଇଁ କିପରି ଆଗୁଆ ଯୋଜନା କରି ଅମୂଲ୍ୟ ଧନ ଜୀବନ ରକ୍ଷା କରାଯାଇ ପାରିବ ସେ ସମ୍ବନ୍ଧରେ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ମାର୍ଗଦର୍ଶନ ଦିଆଯାଇଥିଲା। ବଙ୍ଗୋମୁଣ୍ଡା ବ୍ଲକ ଅଞ୍ଚଳରେ ଦେଖା ଯାଉଥିବା ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଇଁ କିପରି ଗ୍ରାମ୍ୟସ୍ତରରେ ଯୋଜନା କରାଯାଇପାରିବ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବଙ୍ଗୋମୁଣ୍ଡା ଥାନା ଅଧିକାରୀ ସଞ୍ଜୀବ ପ୍ରଧାନ, ସିଡିପିଓ ମାଧୁରୀ ହୋତା, ବଙ୍ଗୋମୁଣ୍ଡା ବନାଞ୍ଚଳଅଧିକାରୀ ପଦ୍ମନାଭ କୁମ୍ଭାର, ଅଗ୍ନିଶମ ବିଭାଗ ଓଆଇସି ରଞ୍ଜିତ କେରକେଟା, ଯୋଗାଣ ନିରୀକ୍ଷକ ଦୀପମ ଜ୍ୟୋତି ବଘାର, କୃଷି ଅଧିକାରୀ ସ୍ମାରକୀ ପ୍ରଧାନ, ବିଏସଏସଓ ସଞ୍ଜିତ ସୁନା, ମିଶନ ଶକ୍ତି ବିପିସି ପିତାମ୍ବର ବାଗ, ବିଆରସି ବୈଷ୍ଣବ ଚନ୍ଦ୍ର ନାଏକ, ଉଦ୍ୟାନ ବିଭାଗର କର୍ମଚାରୀ ସୁଶୀଲ ମେହେର, ବଙ୍ଗୋମୁଣ୍ଡା ମେଡ଼ିକାଲ ଇନଚାର୍ଜ ଜ୍ୟୋତିର୍ମୟୀ ମାହାଲିକ, ଟିଟିଲାଗଡ଼ ଉପ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ପଟେଲ, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘର ସମ୍ପାଦକ ହୁଲେଶ୍ୱର ହଂସ ସାମିଲ ଥିଲେ। ଶେଷରେ ଜିପିଡିଓ ପୁରୁଷୋତ୍ତମ ମାଝୀ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ ବିଭାଗ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ। ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

## ଡିଇଓଙ୍କୁ ଭେଟିଲେ ପ୍ରାଥମିକ ଶିକ୍ଷକ



ବଲାଙ୍ଗିର, ୧୮ ।୬(ସମିସ): ବଲାଙ୍ଗିର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସନ ଭୁକ୍ତ ଯୋଜନା) ତରଫରୁ ଜିଲ୍ଲା ସଭାପତି ଶିତୋଷ ପାଣିଗ୍ରାହୀଙ୍କ ନେତୃତ୍ୱରେ ବିଭିନ୍ନ ବ୍ଲକର କାର୍ଯ୍ୟକର୍ତ୍ତା ତଥା ଶିକ୍ଷକମାନେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟକୁ ଯାଇ ପ୍ରାଥମିକ ଶିକ୍ଷକମାନଙ୍କ ପଦୋନ୍ନତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାର ଅଧିକାଂଶ ବ୍ଲକ ଶିକ୍ଷା କାର୍ଯ୍ୟାଳୟରୁ ପଦୋନ୍ନତି ତାଲିକା ଜିଲ୍ଲା କାର୍ଯ୍ୟାଳୟକୁ ପହଞ୍ଚିବାରେ ବିଳମ୍ବ ହେଉଥିବାରୁ ସଂଘ କ୍ଷୋଭ ପ୍ରକାଶ କରି ଜିଲ୍ଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ ଓ ହସ୍ତକ୍ଷେପ ଲୋଡ଼ିଛି। ଡିଇଓ ଅନୁପସ୍ଥିତିରେ ଏଡିଇଓ ପ୍ରବୀର ପଣ୍ଡା ଦାବିପତ୍ର ଗ୍ରହଣ କରି ଶିଘ୍ର ପଦୋନ୍ନତି ପ୍ରକ୍ରିୟାକୁ ସମ୍ପାଦନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ସଂଘ ତରଫରୁ ସୁମନ ସାହୁ, ଗଣେଶରାମ ପଣ୍ଡା, କମଲ ସାହୁ, ମୋହନ ଦଲାଇ, ଅଜିତ ବାରିକ, ରାମଚନ୍ଦ୍ର ପୁରୋହିତ, ବିଷ୍ଣୁ ସାହୁ, ରସାନନ୍ଦ କର୍ମୀ, ଜିତେନ୍ଦ୍ରୀୟ ପଟେଲ ସମେତ ବହୁ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ନରସିଂହଙ୍କୁ ସମସ୍ୟା ଜଣାଇଲେ ପୁରୁଣାପାଣି ଗ୍ରାମବାସୀ



ଦେଓଗାଁ, ୧୮ ।୬(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତର ପୁରୁଣାପାଣିରେ ଆଞ୍ଚଳିକ ଶୀତଳ ଷଷ୍ଠୀ ମହୋତ୍ସବ ତରଫରୁ ୫ମ ଶୀତଳଷଷ୍ଠୀ ମହୋତ୍ସବ ଚାଲିଛି। ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଲୋକେ ସ୍ଥାନୀୟ ସମସ୍ୟା ଉପରେ ଶ୍ରୀ ମିଶ୍ରଙ୍କୁ ଅବଗତ କରିଥିଲେ। ବିଶେଷ କରି ଏ ଅଞ୍ଚଳରେ ତେଲ ନଦୀରୁ ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ପିଇବା ପାଣି ଯୋଗାଇବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି; ହେଲେ କାର୍ଯ୍ୟ ଏତେ ଧିମା ଗତିରେ ଚାଲିଛି ଯେ ଲୋକେ କେବେ ପିଇବା ପାଣି ପାଇପାରିବେ ତାହା ଏବେ ପ୍ରଶ୍ନ ପାଲଟିଛି। ଶିକ୍ଷା ବ୍ୟବସ୍ଥା ମଧ୍ୟ ଅତି ଖରାପ। ଏଠାରେ ଥିବା ଏକ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ା ଯାଉଛି; ମାତ୍ର ୨ଟି ଶ୍ରେଣୀ ଗୃହ ଅଛି। ବଲାଙ୍ଗିରରୁ ଏହି ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତାରେ ତିଆରି ଚାଲିଥିବା କଲଭର୍ଟଗୁଡିକ ଅତି ଧିମା ଗତିରେ ଚାଲିଛି। ପୂର୍ତ୍ତ ବିଭାଗ ରାସ୍ତାରୁ ଭୀମ ପାହାଡକୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଖରାପ ଆଡକୁ ଗତି କଲାଣି। ଏ ସବୁ ସମସ୍ୟା ସମାଧାନ ପାଇଁ ଲୋକେ ଶ୍ରୀ ମିଶ୍ରଙ୍କ ଆଗରେ ଦାବି କରିଥିଲେ। ମୟ ପ୍ରଧାନୀଙ୍କ ପରିଚାଳନାରେ ସଭା ଅନୁଷ୍ଠିତ ହୋଇଥିଲା। ଅନିଲ ନାଏକ, ମହୋତ୍ସବ କମିଟିର ସଭାପତି ଚକ୍ରଧର ମଲ୍ଲିକ, କଂଗ୍ରେସ ନେତା କାନ୍ତେଶ୍ୱର ପ୍ରଧାନ, ପପୁ ପାତ୍ର, ସୁରେନ୍ଦ୍ର ପ୍ରଧାନୀ, ସୁଦାମ ପ୍ରଧାନ, ଲମ୍ବୋଦର ବିଶି, ଗଣପତି ମାଝି, ପୁରନ୍ଦର ଡାଙ୍ଗ, ଅନିରୁଦ୍ଧ ମାଝି, ରୋହିତ ଭୋଇ, ଶିବ ମାଝି, ମଧୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ୭୧ ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଣ୍ଟନ



ବଲାଙ୍ଗିର, ୧୮ ।୬(ସମିସ): କୁଣ୍ଡାମାଳରେ ପୁଇଁତଲା ପ୍ରଗତି କୃଷକ ଉତ୍ପାଦକ କମ୍ପାନୀ ଦ୍ୱାରା ଅଧିକାର ଓ ସ୍ୱାଭିମାନ ମେଳା ଆୟୋଜିତ ହୋଇଯାଇଛି। ଏଥିରେ ୭୧ ଜଣ ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଦିବ୍ୟାଙ୍ଗଜନ ସଶକ୍ତୀକରଣ ବିଭାଗ ସହଯୋଗରେ ବରିଷ୍ଠ ନାଗରିକମାନଙ୍କ ଦୈନନ୍ଦିନ ଜୀବନକୁ ସୁଗମ କରିବା ଉଦ୍ଦେଶ୍ୟରେ ହ୍ୱିଲ୍ ଚେୟାର, ଅଣ୍ଟା ବେଲ୍ଟ, ଶ୍ରବଣ ଯନ୍ତ୍ର, କମୋଡ୍, ଆଶାବାଡ଼ି ଓ ଅନ୍ୟାନ୍ୟ ଆବଶ୍ୟକ ଉପକରଣ ପ୍ରଦାନ କରାଯାଇଛି। ପୁଇଁତଲା ପ୍ରଗତି କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଏବଂ ଦିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ନାବାର୍ଡ ଡିଡିଏମ ଡ. ବିବେକ ନାଏକ, ପ୍ରଧାନମନ୍ତ୍ରୀ ଦିବ୍ୟାଶା କେନ୍ଦ୍ର ବଲାଙ୍ଗିରର ଡ. ଧରିତ୍ରୀ ଗଡ଼ତ୍ୟା, ମହାଶକ୍ତି ଫାଉଣ୍ଡେସନର ବରିଷ୍ଠ ପରିଚାଳକ ହୃଷୀକେଶ ସାହୁ, ପୁଇଁତଲା ବ୍ଲକ କୃଷି ଅଧିକାରୀ ମୀର୍ ରାଜ ଅଲ୍ଲୀ, ସହକାରୀ କୃଷି ଅଧିକାରୀ ଅଭିଷେକ ପାଢ଼ୀ ସମ୍ମାନିତ ଅତିଥି ଉପସ୍ଥିତ ରହି ହିତାଧିକାରୀଙ୍କୁ ଉପକରଣ ବଣ୍ଟନ କରିଥିଲେ। ଅତିଥିମାନେ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ସୂଚନା ଦେଇଥିଲେ। ସଭାରେ କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମୋତିଲାଲ ମିଶ୍ର ଅଧ୍ୟକ୍ଷତା କରିଥିଲେ।

## ବ୍ରାହ୍ମଣୀ ମାଇକ୍ରୋ ଟୁରିଜିମ୍ ବିକାଶ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା



ବଲାଙ୍ଗିର, ୧୮ ।୬(ସମିସ): ବଲାଙ୍ଗିର ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବା ଦିଗରେ ଜିଲ୍ଲା ପ୍ରଶାସନ ନୂତନ ପଦକ୍ଷେପ ଗ୍ରହଣ କରିଛି। ଖପ୍ରାଖୋଲ ବ୍ଲକର ବ୍ରାହ୍ମଣୀ ଗ୍ରାମରେ ମାଇକ୍ରୋ ଟୁରିଜିମ୍ ବିକାଶ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଏହା ବଲାଙ୍ଗିରର ପର୍ଯ୍ୟଟନ ମାନଚିତ୍ରରେ ନୂତନ ଆକର୍ଷଣୀୟ ଅଧ୍ୟାୟ ଯୋଡ଼ିବ ବୋଲି ଆଶା କରାଯାଉଛି। ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନାଙ୍କ ନେତୃତ୍ୱରେ ଏକ ପ୍ରଶାସନିକ ଦଳ ବ୍ରାହ୍ମଣୀ ଗ୍ରାମରେ ମାଇକ୍ରୋ ଟୁରିଜିମ୍ ପ୍ରକଳ୍ପର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ସେମାନେ ପ୍ରକଳ୍ପର ବିଭିନ୍ନ ଦିଗର ସମୀକ୍ଷା କରିଛନ୍ତି। ଉନ୍ନୟନ କାର୍ଯ୍ୟର ଗୁଣାତ୍ମକ ମାନ ନିଶ୍ଚିତ କରିବାରେ ଗୁରୁତ୍ୱ ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ, ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ସହିତ ବ୍ଲକ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସ୍ଥାନୀୟ ସଂସ୍କୃତିକୁ ଆଧାର କରି ବିକଶିତ ହେଉଥିବା ଏହି ମାଇକ୍ରୋ ଟୁରିଜିମ୍ ପ୍ରକଳ୍ପ ଆଗାମୀଦିନରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ। ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା ଓ ରୋଜଗାର ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରଶାସନର ଏହି ପଦକ୍ଷେପ ବଲାଙ୍ଗିରର ପର୍ଯ୍ୟଟନ ମାନଚିତ୍ରକୁ ନୂତନ ଆକର୍ଷଣୀୟ ଅଧ୍ୟାୟ ଯୋଡ଼ିବା ସହିତ ସ୍ଥାନୀୟ ସମାଜର ସାମାଜିକ-ଆର୍ଥିକ ଉନ୍ନୟନରେ ମଧ୍ୟ ସହାୟକ ହେବ ବୋଲି ଆଶା କରାଯାଉଛି।

## ଛୁରାମାଡ଼ ଅଭିଯୋଗରେ ଦୁଇ ଅଭିଯୁକ୍ତ ଗିରଫ





ବଲାଙ୍ଗିର, ୧୮ ।୬(ସମିସ): ବଲାଙ୍ଗିର ସହର ରାଜୀବନଗର ହେଲିପ୍ୟାଡ ନିକଟରେ ଘଟିଥିବା ଛୁରାମାଡ଼ ଘଟଣାରେ ପୁଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଦେଓଗାଁ ଥାନା କଛାରପାଲି ଗ୍ରାମର ରୋଶନ ସାହୁ (୨୨) ଓ ଲିପନ ବେହେରା (୨୫)।

ସଦର ଥାନା କୁଥୁର୍ଲା ଗ୍ରାମର ପଦ୍ମମୁଖ ପ୍ରଧାନ ତାଙ୍କର ଦୁଇ ସହଯୋଗୀଙ୍କ ସହ ଦେଓଗାଁରୁ ବଲାଙ୍ଗିର ଆସୁଥଲେ। ୧୭ ତାରିଖ ଦିନ ପ୍ରାୟ ୨ଟା ସମୟରେ ରାଜୀବନଗର ହେଲିପ୍ୟାଡ ନିକଟରେ ଅଭିଯୁକ୍ତମାନେ ସେମାନଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ରୋଶନ ସାହୁ ଏକ ଧାରୁଆ ଅସ୍ତ୍ରରେ ପଦ୍ମମୁଖଙ୍କ ପିଠିରେ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇଥିବା ବୀରକିଶୋର ପୁଟେଲଙ୍କୁ ମଧ୍ୟ ଛାତିରେ ଆକ୍ରମଣ ହୋଇଥିଲା। ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ସେମାନେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବଲାଙ୍ଗିର ଟାଉନ ଥାନାରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ସମୟରେ ପୁଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘଟଣାରେ ବ୍ୟବହୃତ ଏକ ଛୁରୀ, ଏକ ମୋବାଇଲ ଫୋନ ଏବଂ ଏକ ୟାମାହା ସ୍କୁଟି (ଓଡି-୦୩-ଏଜି-୫୭୩୧) ଜବତ କରିଛି। ପୂର୍ବ ଶତ୍ରୁତା ଏବଂ ପାରିବାରିକ ବିବାଦକୁ କେନ୍ଦ୍ର କରି ଏହି ଆକ୍ରମଣ ଘଟିଥିଲା। ଅଭିଯୁକ୍ତ ରୋଶନଙ୍କ ପ୍ରେମିକାଙ୍କୁ ପୀଡ଼ିତ ପକ୍ଷ ଫେରାଇ ଆଣି ଅନ୍ୟତ୍ର ବିବାହ କରାଇଥିବାରୁ ସେ ପ୍ରତିଶୋଧ ନେବା ପାଇଁ ଏହି ଯୋଜନା କରିଥିବା ପୁଲିସ କହିଛି। ଗିରଫ ରୋଶନ ବିରୋଧରେ ଦେଓଗାଁ ଥାନାରେ ଆକ୍ରମଣ ଓ ତୁଷୁରା ଥାନାରେ ହତ୍ୟା ମାମଲା ରହିଥିବା ବେଳେ ଲିପନ ନାଁରେ ମଧ୍ୟ ସମ୍ବଲପୁର ଜିଲ୍ଲା ଧମା ଥାନାରେ ଅପରାଧିକ ମାମଲା ରହିଥିବା ପୁଲିସ ସୂଚନା ଦେଇଛି।

## ବଲାଙ୍ଗିର ପୌରାଞ୍ଚଳରେ ଏସ୍‌ଆଇଆର୍ ସମୀକ୍ଷା



ବଲାଙ୍ଗିର, ୧୮ ।୬(ସମିସ): ଭୋଟର ତାଲିକାକୁ ସ୍ୱଚ୍ଛ, ସନ୍ତୋଷଜନକ ଓ ତ୍ରୁଟିଶୂନ୍ୟ କରିବାକୁ ପ୍ରଶାସନ ଗୁରୁତ୍ୱ ଦେଇଛି। ଏହି ଉଦ୍ଦେଶ୍ୟରେ ବଲାଙ୍ଗୀର ପୌରପରିଷଦ ଅଧୀନ ବିଭିନ୍ନ ମତଦାନ କେନ୍ଦ୍ରରେ ସମୀକ୍ଷା କରାଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଏବଂ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ ଏହାର ତଦାରଖ କରିଛନ୍ତି। ଚାଲୁଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଅଗ୍ରଗତି ପରଖିବା ସହ ଏହାର ସମୀକ୍ଷା କରିଛନ୍ତି। ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ। କୌଣସି ଯୋଗ୍ୟ ଭୋଟର ଯେଭଳି ନିଜର ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ନ ହୁଅନ୍ତି ତାହା ନିଶ୍ଚିତ କରିବା ପ୍ରଶାସନର ମୂଳ ଲକ୍ଷ୍ୟ ବୋଲି ଜିଲ୍ଲାପାଳ କହିଛନ୍ତି। ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହ ଶେଷ କରିବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଜୟକ୍ରୀଷ୍ଣା ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ଏବଂ ସ୍ଥାନୀୟ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସାଧାରଣ ଜନତାଙ୍କ ସହଯୋଗ କାମନା କରାଯାଇଛି।

## ସିଏସ୍‌ଓ ଅଫିସରେ ଗର୍ଜିଲେ ଆପ୍ କର୍ମକର୍ତ୍ତା

ବଲାଙ୍ଗିର, ୧୮ ।୬(ସମିସ): ବଲାଙ୍ଗିର ଜିଲ୍ଲାର ଧାନ କ୍ରୟ ଟାର୍ଗେଟରୁ ବଞ୍ଚିତ ପ୍ରତ୍ୟେକ ପେକ୍ସଗୁଡିକକୁ ତୁରନ୍ତ ଟାର୍ଗେଟ ପ୍ରଦାନ କରାଯାଉ। ଏଭଳି ଦାବି ନେଇ ବଲାଙ୍ଗିର ଆମ୍ ଆଦମୀ ସିଏସ୍‌ଓ ଅଫିସରେ ଗର୍ଜିଛି। ପାର୍ଟି ତରଫରୁ ଜିଲ୍ଲା ସଭାପତି ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଆଶିଷ ପାଣ୍ଡେଙ୍କ ନେତୃତ୍ୱରେ ପାର୍ଟିର ସଦସ୍ୟ ଏବଂ ଚାଷୀମାନେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ବଲାଙ୍ଗିର ଜିଲ୍ଲାର ସବୁ ପେକ୍ସ ଏ ପର୍ଯ୍ୟନ୍ତ ଧାନ କ୍ରୟ ଟାର୍ଗେଟ ମିଳୁ ନ ଥିବାରୁ ଚାଷୀମାନେ ଗଭୀର ଅସୁବିଧାରେ ପଡ଼ିଛନ୍ତି। ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ ବିକ୍ରି କରିବା ଚାଷୀଙ୍କ ଅଧିକାର; ହେଲେ ଟାର୍ଗେଟ ଅଭାବରୁ ସେମାନେ ନିଜ ଉତ୍ପାଦିତ ଧାନ ବିକ୍ରି କରିପାରୁ ନାହାନ୍ତି। ଏହାଫଳରେ ଚାଷୀ ଦଲାଲଙ୍କ ହାତରେ ଶୋଷିତ ହୋଇ ଆର୍ଥିକ କ୍ଷତି ସହୁଛନ୍ତି। ଧାନର ଟୋକନ ତାରିଖ ମଧ୍ୟ ସରି ଯାଉଛି। ଜିଲ୍ଲାର ଅନେକ ପେକ୍ସରୁ ଟାର୍ଗେଟ ନ ମିଳିବା ଚାଷୀଙ୍କ ସ୍ୱାର୍ଥ ବିରୋଧୀ ଏବଂ ଅତ୍ୟନ୍ତ ଦୁଃଖଦାୟକ ଘଟଣା। ଧାନକ୍ରୟ ବ୍ୟବସ୍ଥାରେ କୌଣସି ପ୍ରକାର ପକ୍ଷପାତ ନ କରି ନିରପେକ୍ଷ ହିସାବରେ ସମସ୍ତ ଯୋଗ୍ୟ ପେକ୍ସକୁ ଆବଶ୍ୟକ ଟାର୍ଗେଟ ପ୍ରଦାନ କରାଯାଉ। ରାଜ୍ୟ ସରକାରଙ୍କ ଧାନ କ୍ରୟ ନୀତି ଅନୁଯାୟୀ ଚାଷୀଙ୍କ ଧାନ କ୍ରୟ ନିଶ୍ଚିତ କରିବା ବିଭାଗର ଦାୟିତ୍ୱ। ଜିଲ୍ଲାର ଯେଉଁ ପେକ୍ସ ଗୁଡିକୁ ଧାନ କ୍ରୟ ଟାର୍ଗେଟ ମିଳିନାହିଁ ସେମାନଙ୍କୁ ତୁରନ୍ତ ଟାର୍ଗେଟ ପ୍ରଦାନ କରାଯାଉ। ପେକ୍ସ ଭିତ୍ତିକ ଟାର୍ଗେଟ ବଣ୍ଟନ ତାଲିକା ସାର୍ବଜନୀନ କରାଯାଉ।




ଚାଷୀଙ୍କ ଧାନ ବିକ୍ରିରେ କୌଣସି ବାଧା ସୃଷ୍ଟି ନ ହେବା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ। ଧାନ କ୍ରୟରୁ ବଞ୍ଚିତ ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ଜିଲ୍ଲାସ୍ତରୀୟ ସମୀକ୍ଷା ଡକାଯାଉ। ନଚେତ ଚାଷୀମାନଙ୍କୁ ନେଇ ଆମ ଆଦମୀ ପାର୍ଟି ବଲାଙ୍ଗିର ତରଫରୁ ଆଗାମୀ ଦିନରେ ତିବ୍ର ଆନ୍ଦୋଳନ କରାଯିବ ବୋଲି ଆପ ନେତା ଆଶିଷ ପାଣ୍ଡେ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଆପ୍ ବଲାଙ୍ଗିର ଯୁବ ନେତା ରମାକାନ୍ତ ବେହେରା, ବଲାଙ୍ଗିର ବିଧାନସଭା ସଭାପତି ସଦାଶିବ ମେହେର, ବାଳକୃଷ୍ଣ ନୈକ, ଚାଷୀ କୃଷ୍ଣ ଛତ୍ରିଆ, ଆକୁଳ ରାଇ, ସନ୍ତୋଷ ତାଣ୍ଡି, ଜୟଚନ୍ଦ୍ର ନାଗ, ପ୍ରଫୁଲ୍ଲ ବିଶାଳ, ଲକ୍ଷ୍ୟା ଦୀପ, ସୁଶୀଲ ପଧାନ, କୁଳମଣି ପଧାନ ଏବଂ ଅନ୍ୟ ଚାଷୀ ଉପସ୍ଥିତ ଥିଲେ।

# ବଲାଙ୍ଗିର ଜିଲ୍ଲା ସରପଞ୍ଚ ସଂଘର ବିକ୍ଷୋଭ



- କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ପାଇଁ ମେଳି
- ଦୁର୍ବ୍ୟବହାର ଓ ନିର୍ଯାତନା ଦେଇଥିବା ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବଲାଙ୍ଗିର, ୧୮ ।୬(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତିଖିରି ସରପଞ୍ଚ ଚାମେଲି ଓଝାଙ୍କୁ ହୋଇଥିବା ବ୍ୟବହାର ଓ ମିଥ୍ୟା ମାମଲାରେ ଫସାଇବା ଉଦ୍ୟମ ଘଟଣାକୁ ନେଇ ଗୁରୁବାର ବଲାଙ୍ଗିର ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଭାପତି ବୀରବର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଜିଲ୍ଲାରେ କାର୍ଯ୍ୟରତ ସରପଞ୍ଚମାନେ ଯୋଗଦେଇ ଚାମେଲୀ ଓଝା ତଥା ବିଭିନ୍ନ ସମୟରେ ସରପଞ୍ଚମାନଙ୍କ ପ୍ରତି ପ୍ରଶାସନିକ ଅଧିକାରୀମାନଙ୍କ ଦ୍ୱାରା ହେଉଥିବା ଦୁର୍ବ୍ୟବହାରକୁ ନିନ୍ଦା କରିଥିଲେ। ନିଜ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିବା ପାଇଁ ଗତ ୧୧ ତାରିଖରେ ମହାକାଳପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଚାମେଲି ଆଲୋଚନା କରୁଥିଲେ; ହେଲେ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଅନ୍ୟ କେତେକ ବ୍ୟକ୍ତିବିଶେଷ ତାଙ୍କୁ କୁଭାଷା ପ୍ରୟୋଗ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତରଫରୁ ତାଙ୍କ ବିରୋଧରେ ଥାନାରେ ମିଥ୍ୟା ଅଭିଯୋଗ କରାଯାଇଥିଲା। ମହାକାଳାପଡ଼ା ପୁଲିସ ପହଞ୍ଚି ଘଟଣାର ସମାଧାନ କରିବା ପରିବର୍ତ୍ତେ ଆହୁରି ସଙ୍ଗିନ କରିଥିଲା। ଜବରଦସ୍ତ ଥାନାକୁ ନେଇଥିଲା। ଗାଡିରେ ନେବା ବେଳେ ଚାମେଲିଙ୍କ ମୋବାଇଲ ଛଡାଇନେବା ସହ ତାଙ୍କୁ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ସେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ତାଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣା ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ପ୍ରତି କୁଠାରଘାତ ବୋଲି ଜିଲ୍ଲା ସରପଞ୍ଚ ସଂଘ ନିନ୍ଦା କରିଛି। ତେବେ ଏହି ଘଟଣାର ନ୍ୟାୟିକ ତଦନ୍ତ କରାଯାଇ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦେବା ସହ ଚାମେଲିଙ୍କୁ ନ୍ୟାୟ ପ୍ରଦାନ କରିବା, ମହାକାଳପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଥାନାର ସିସିଟିଭି, ଚାମେଲିଙ୍କ ମୋବାଇଲରେ ରେକର୍ଡ ହୋଇଥିବା ସମସ୍ତ ବିଷୟ ବିଧିବଦ୍ଧ ଭାବେ ସାର୍ବଜନୀନ କରିବା, ଏହି ଘଟଣା ସହ ଜଡିତ ମହାକାଳପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମହାକାଳପଡ଼ା ଥାନାର ଭାରପ୍ରାପ୍ତ ନିରୀକ୍ଷକ ଓ ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟରୁ ତୁରନ୍ତ ନିଲମ୍ବନ କରିବା, ଚାମେଲିଙ୍କ ବିରୋଧରେ ଦାୟର ହୋଇଥିବା ମକଦ୍ଦମା ପ୍ରତ୍ୟାହାର କରିବାକୁ ସଂଘ ଦାବି କରିଛି। ଏନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବଳଦେବ ସାହୁ, ସଞ୍ଜୟ ଗଡ଼ତ୍ୟା, ଗୋପାଳ ଚନ୍ଦ୍ର ମିଶ୍ର, ସୁଶୀଲ ଗୁରୁଙ୍କ ସମେତ ଜିଲ୍ଲାର ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ ଉପସ୍ଥିତ ଥିଲେ।

## ବ୍ଲକ କାର୍ଯ୍ୟାଳୟ ଆଗରେ ଧାନବସ୍ତା ରଖି ଚାଷୀଙ୍କ ବିକ୍ଷୋଭ



**ଜୁନାଗଡ଼, ୧୮ ।୬(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ମେ' ୨୦ରୁ ରବି ଧାନ କ୍ରୟ ପାଇଁ ମଣ୍ଡି ଖୋଲାଯାଇଥିଲେ ମଧ୍ୟ ଧାନ ଉଠାଣରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି । ୨୮ ଦିନ ବିତିଲାଣି ହେଲେ ମାତ୍ର ୨୫ରୁ ୩୦ ପ୍ରତିଶତ ଧାନ ଉଠାଣ ହୋଇପାରିଛି । ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ଚାଷୀଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି । ଜୁନାଗଡ଼ ବ୍ଲକ ଭଇଁରୀଗୁଡ଼ା ପଞ୍ଚାୟତର ଚାଷୀମାନେ ଆଜି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଟ୍ରାକ୍ଟରରେ ଧାନ ବସ୍ତା ଆଣି ବିକ୍ଷୋଭ କରିଛନ୍ତି । ଚାଷୀଙ୍କ କହିବା ଅନୁଯାୟୀ ଭଇଁରୀଗୁଡ଼ା ମଣ୍ଡିରେ ୫ ହଜାର କ୍ୱିଣ୍ଟାଲରୁ ଅଧିକ ଧାନ ଦୀର୍ଘଦିନ ହେଲା ଖୋଲା ଆକାଶ ତଳେ ପଡ଼ି ରହିଛି । ଟୋକନ ପାଇ ନିର୍ଦ୍ଧାରିତ ତାରିଖରେ ଧାନ ଆଣିଲା ପରେ ବି ମିଲର ଓ ପରିବହନ ଅଭାବରୁ ଉଠାଣ ହେଉନାହିଁ । ବର୍ଷା ଆଶଙ୍କାରେ ଧାନ ନଷ୍ଟ ହେବା ଭୟ ଘାରିଛି । ବିକ୍ଷୋଭ ଖବର ପାଇ ଜୁନାଗଡ଼ ବିଡିଓ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ । ସେ ତୁରନ୍ତ ମିଲର ଓ ପରିବହନ ବ୍ୟବସ୍ଥା କରି ୨ ଦିନ ଭିତରେ ସମସ୍ତ ଧାନ ଉଠାଇବାକୁ ଆଶ୍ୱାସନା ଦେଇଛନ୍ତି । ବିଡିଓଙ୍କ ଆଶ୍ୱାସନା ପରେ ଚାଷୀମାନେ ବିକ୍ଷୋଭ ପ୍ରତ୍ୟାହାର କରିଛନ୍ତି । ତେବେ ନିର୍ଦ୍ଧାରିତ ସମୟରେ ଧାନ ନଉଠିଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

### ଚାରିଥାକିଆ ରାସ୍ତା ଏବଂ ଓଭରବ୍ରିଜ୍ ନିର୍ମାଣ

# ଜମି ଅଧିଗ୍ରହଣ ନେଇ ଗ୍ରାମବାସୀ ଓ ପ୍ରଶାସନ ମୁହାଁମୁହିଁ

**କେସିଙ୍ଗା, ୧୮ ।୬(ସମିସ)**

କେସିଙ୍ଗାରୁ ଜୁନାଗଡ଼ ପର୍ଯ୍ୟନ୍ତ ହେବାକୁ ଥିବା ଫୋର୍ ଲେନ (ଚାରି ଥାକିଆ) ରାସ୍ତା କାମ ପାଇଁ ଜମି ଅଧିଗ୍ରହଣ କାମ ଇତି ମଧ୍ୟରେ ଜୋର୍‌ସୋରରେ ଚାଲିଥିବା ବେଳେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ପାଷ୍ଟିକୁଡ଼ିଠାରେ ରାସ୍ତା ଓ ଏକ ଓଭର ବ୍ରିଜ ନିର୍ମାଣ ପାଇଁ ଜମି ଅଧିଗ୍ରହଣକୁ ନେଇ ଗୁରୁବାର ଦିନ ଦେଖିବାକୁ ମିଳିଛି ଅପ୍ରୀତିକର ପରିସ୍ଥିତି । ଜମି ଅଧିଗ୍ରହଣକୁ ଗ୍ରାମବାସୀ ବିରୋଧ କରିନ ଥିଲେ ମଧ୍ୟ ପ୍ରଶାସନର ତରବରିଆ ନୀତିକୁ ତୀବ୍ର ବିରୋଧ କରାଯାଇଛି । ଗ୍ରାମବାସୀଙ୍କ କହିବା ଅନୁସାରେ, ଯେଉଁ ଯେଉଁ ହିତାଧିକାରୀଙ୍କ ଜମି ଅଧିଗ୍ରହଣ ହୋଇଛି ସମସ୍ତଙ୍କୁ ଜମି ଅଧିଗ୍ରହଣର ପୁରା ଟଙ୍କା ମିଳିନଥିବା ବେଳେ କିଛି ଲୋକଙ୍କୁ ପୁରା ପଇସା ମିଳିଛି । ପୁଣି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଅଧିଗ୍ରହଣ ପାଇଁ ଆସିଥିବା ନୋଟିସ୍‌ରେ ତହସିଲଦାରଙ୍କ ଦସ୍ତଖତ



ଜୁନ ୩ ତାରିଖରେ ଥିବା ବେଳେ ନୋଟିସ ମିଳିଛି ଜୁନ ୧୦ରେ ଓ ୧୭ରେ ଜାଗା ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ୭ ଦିନ ଭିତରେ କ'ଣ ଘର ତିଆରି କରି ଆମେ ଯାଇ ପାରିବୁ କି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି ।

ଆଗକୁ ବର୍ଷାଦିନ ଆସୁ ଥିବାରୁ କିଛି ନ ହେଲେ ମଧ୍ୟ ଆମକୁ ୬ ମାସର ସମୟ ଦିଆଯାଉ ନହେଲେ ପ୍ରଶାସନ ପକ୍ଷରୁ କେଉଁଠି ଆମେ ରହିବୁ ଆମକୁ ଘର ଯୋଗାଇ ଦିଆଯାଉ ରହିବା ପାଇଁ । ତା' ହେଲେ ଆମେ ସରକାରଙ୍କୁ ନିଜେ ନିଜ ଘର ଖାଲିକରି ଜାଗା ଦେବୁ ବୋଲି କହିଛନ୍ତି । ସେପଟେ ମାଜିଷ୍ଟ୍ରେଟ ଦାଇତ୍ୱରେ ଘଟଣା ସ୍ଥଳରେ ଥିବା କେସିଙ୍ଗା ଅତିରିକ୍ତ ତହସିଲଦାର ବିବେକାନନ୍ଦ ସାମଲ କହିଛନ୍ତି ଯେ, ଗ୍ରାମବାସୀଙ୍କ ଦାବିକୁ ମୁଁ ଉପର ଅଧିକାରୀଙ୍କୁ ଜଣାଇଛି । ବଡ଼ ଅଧିକାରୀମାନେ ଯାହା ଠିକ୍ ଭାବିବେ ତାହା ହେବ କହି ନିଜ ଉପରୁ ଦୋଷ ଖସାଇ ଦେଇଥିଲେ ।

ଦେଖିବାକୁ ରହିଲା ଆଗକୁ ପ୍ରଶାସନ କ'ଣ ପଦକ୍ଷେପ ଗ୍ରହଣ କରୁଛି । କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବାକୁ ପାଷ୍ଟିକୁଡି ଗ୍ରାମ ୨୬ ନମ୍ବର ଜାତୀୟ ରାଜପଥରେ ଭାରି ପୁଲିସ ମୁତୟନ ହୋଇଥିବାବେଳେ ଜମି ଅଧିଗ୍ରହଣ ପାଇଁ ରାସ୍ତା କଡ଼ରେ ସରକାରୀ ବୁଲ୍‌ଡୋଜର ମଧ୍ୟ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା । ଗୁରୁବାର ଉକ୍ତ ଘଟଣା କୁ ନେଇ ଗ୍ରାମବାସୀ ମାନେ ସମ୍ପୂର୍ଣ ପାଷ୍ଟିକୁଡିକୁ ବନ୍ଦ ରଖି ରାଜରାସ୍ତାରେ ଗ୍ରାମର ଶତାଧିକ ମହିଳାପୁରୁଷ ପ୍ରଶାସନ ସହିତ ଆଲୋଚନା କରିବା ସହିତ ତରବରିଆ ଜମି ଅଧିଗ୍ରହଣ କାମକୁ ନେଇ ବିରୋଧ ପ୍ରଦର୍ଶନ କରିଥିଲେ ।

## ଶୁଣିଲାନି ପ୍ରଶାସନ; କୁଆମୁଣ୍ଡା ପୋଖରୀ ସଫାକଲେ ଗ୍ରାମବାସୀ



**କେସିଙ୍ଗା, ୧୮।୬(ସମିସ):** ଶୁଣିଲାନି ପ୍ରଶାସନ, ଶେଷରେ ପୋଖରୀ ସଫାକଲେ ଗ୍ରାମବାସୀ । ଏଭଳି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ । ବ୍ଲକ ଅଧୀନସ୍ଥ ଲଇତରା ପଞ୍ଚାୟତର ମଶାଣିମୁଣ୍ଡା ଗ୍ରାମର କୁଆମୁଣ୍ଡା ପୋଖରୀକୁ ଗ୍ରାମବାସୀ ନିଜ ଉଦ୍ୟମରେ ସଫେଇ କରିଛନ୍ତି । ଦୀର୍ଘ ପ୍ରାୟ ୨୦ ବର୍ଷ ଧରି ପୋଖରୀଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ବେଳେ ଅଭିଯୋଗ ପରେ ବି ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ ।

ସୂଚନା ଅନୁଯାୟୀ, କୁଆମୁଣ୍ଡା ପୋଖରୀ ଉପରେ ମଶାଣିମୁଣ୍ଡା ଗ୍ରାମର ଅନେକ ପରିବାର ନିର୍ଭରଶୀଳ । ଗ୍ରାମର ଦୈନନ୍ଦିନ କାର୍ଯ୍ୟ ସହିତ ପଶୁପାଳନ ଓ କୃଷି କାର୍ଯ୍ୟରେ ମଧ୍ୟ ଏହି ପୋଖରୀର ଗୁରୁତ୍ୱ ରହିଛି । କିନ୍ତୁ ଦୀର୍ଘ ଦିନ ଧରି ଏହାର ରକ୍ଷଣାବେକ୍ଷଣ ନ ହେବାରୁ ଦଳ ଓ ପଙ୍କ ଭର୍ତ୍ତି ହେବା ସହ ପାଣି ଅପରିଷ୍କାର ହୋଇଯାଇଥିଲା । ଗ୍ରାମବାସୀ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଏକାଧିକ ଥର ସଫେଇ ପାଇଁ ଲିଖିତ ଅଭିଯୋଗ କରିଆସୁଥିଲେ । ତଥାପି ସମସ୍ୟାର ସମାଧାନ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ପ୍ରଶାସନ ନନେବାରୁ ବାଧ୍ୟ ହୋଇ ଗ୍ରାମର ଯୁବକ, ବୃଦ୍ଧ ଓ ମହିଳାମାନେ ଏକାଠି ହୋଇ ନିଜେ ଶ୍ରମଦାନ କରି ବୁଧବାର ପୋଖରୀ ସଫେଇ କରିଥିଲେ । ଆଗକୁ ବ୍ଲକ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି ।

## ନିମ୍ନମାନର ସ୍କୁଲ ମରାମତି କାମକୁ ନେଇ ଅସନ୍ତୋଷ



**ଖଡ଼ିଆଲ, ୧୮ ।୬(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଲ ବ୍ଲକ ଅଧୀନ ଦାବ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମରାମତି କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର ଏବଂ କାର୍ଯ୍ୟରେ ଅନିୟମିତତା ନେଇ ଗ୍ରାମାବାସୀ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ମରାମତି କାମରେ କେବଳ ଫ୍ଲୋରିଙ୍ଗ କରାଯାଉଛି ଓ କାନ୍ଥରେ ପୁଟି ଦେବା ବଦଳରେ ଚୂନମାରି କାମ ଚଳାଇ ଦିଆଯାଇଛି । ଏନେଇ ଦାୟିତ୍ୱରେ ଥିବା ଯନ୍ତ୍ରୀ ଦେବାସିନ ଶବରଙ୍କୁ ଫୋନ ଯୋଗେ ଯୋଗାଯୋଗ କଲେ ମଧ୍ୟ ଫୋନ ଉଠାଇ ନଥିଲେ । ଜିଲ୍ଲା ପ୍ରଶାସନ ତଦନ୍ତ କରି ବିଭାଗୀୟ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

# ଚାଷ କାମ ଆରମ୍ଭ ପୂର୍ବରୁ ସାର ଚୋରା ଚାଲାଣ

### କୃଷି ବିଭାଗ ନିରବ-ସାର ସଂକଟ ଆଶଙ୍କା

**ଧର୍ମଗଡ଼, ୧୮।୬(ସମିସ):** ରବି ଫସଲ ଅମଳ ପରେ ଚାଷୀ ଏବେ ଖରିଫ ଫସଲ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ବିଭିନ୍ନ ସ୍ଥାନରେ ହଳ ସରିଥିବାବେଳେ ମୌସୁମୀ ବର୍ଷାକୁ ଅପେକ୍ଷା । ବର୍ଷା ହେବା ମାତ୍ରକେ ବିହନ ବୁଣାହେବ । ଏଥିପାଇଁ ବିହନ ଠାରୁ ଆରମ୍ଭ କରି ସାର, କୀଟନାଶକ ଆବଶ୍ୟକ । ମାତ୍ର ସାର ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳୁଛି ।

ଧର୍ମଗଡ଼ ଅଞ୍ଚଳ ଛତିଶଗଡ଼ ସୀମାନ୍ତ ସନ୍ଧିକୁଲିହାରି, ପର୍ଲା, ସେମେଲା, ହାତୀପଖାନ, ବେହେରାଗୁଡ଼ା, ପାଇକପଡ଼ା, ଗୋଡୋମୁଣ୍ଡା ଦେଇ ନିୟମିତ ଯାନବାହନରେ ଶହ ଶହ କୁଇଣ୍ଟାଲ ସାର ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଓ ପଡୋଶୀ ଜିଲ୍ଲା ନବରଙ୍ଗପୁର ଆଦିକୁ ଚୋରା ଚାଲାଣ ହେବା ନଜିର ରହିଛି । ବିଶେଷ ଭାବେ ଧର୍ମଗଡ଼, ଗୋଲାମୁଣ୍ଡା, ବେହେରା, ତରାପୁର ଆଦି ସ୍ଥାନରୁ ନବରଙ୍ଗପୁର ଓ ଛତିଶଗଡ଼ ଆଦି ସ୍ଥାନକୁ ବେଧଡ଼କ ସାର ଚାଲାଣ ହେଉଥିବା ଚର୍ଚ୍ଚା ହେଉଛି । ଏପରିକି ଦଲାଲ ନିଯୁକ୍ତି କରି ସ୍ଥାନୀୟ ଚାଷୀଙ୍କ ଆଧାର କାର୍ଡ ସଂଗ୍ରହ କରି ଅନେକଙ୍କ ନାଁରେ ସାର କ୍ରୟ ହୋଇଥିବା ଦର୍ଶାଯାଇଥିବା ଆଲୋଚନା ହୁଏ । ବିଶେଷ କରି ନବରଙ୍ଗପୁର ଓ ଛତିଶଗଡ଼ ଅଞ୍ଚଳରେ ମକା ଚାଷ ବହୁଳ ପରିମାଣରେ ହେଉଥିବାରୁ ପ୍ରଚୁର ଭାବେ ୟୁରିଆ ଓ ଡିଏପି ସାରର ଆବଶ୍ୟକ ପଡ଼ିଥାଏ । ଯାହା ଯୋଗୁଁ ଅଞ୍ଚଳରୁ ଚଢ଼ା ଦାମ ଦେଇ ସାର ଚୋରାଚାଲାଣ ହେଉଥିବା ଚର୍ଚ୍ଚା ହେଉଛି ।



ଗତ ବର୍ଷ ଖରିଫ ବେଳକୁ ଧର୍ମଗଡ଼ କୃଷି ଜିଲ୍ଲା ଅଧିନ ଧର୍ମଗଡ଼ରେ ଉଚ୍ଚ ଅମଳକ୍ଷମ ଧାନ ୧୯, ୬୮୨-ହେକ୍ଟର, ହାଇବ୍ରିଡ଼ ଧାନ-୧୦ହେକ୍ଟର, ମକା-୧୨୯୦ହେକ୍ଟର, କୋକସରା ବ୍ଲକ- ଉଚ୍ଚ ଅମଳ କ୍ଷମ ଧାନ-୧୭, ୯୨୫ ହେକ୍ଟର, ହାଇବ୍ରିଡ଼ ୧୦୦ହେକ୍ଟର, ଦେଶୀ ଧାନ ୧୫ହେକ୍ଟର, ମକା୨୧୫୦ହେକ୍ଟର ୮୬୦, ଗୋଲାମୁଣ୍ଡା ବ୍ଲକ- ଉଚ୍ଚ ଅମଳ କ୍ଷମ ଧାନ-୧୭, ୪୦୮ହେକ୍ଟର, ହାଇବ୍ରିଡ଼-୩୫୨, ଦେଶୀ ଧାନ ୧୦, ମକା୨୩୫, ମାଣ୍ଡିଆ ୮୧୦ହେକ୍ଟରରେ ଚାଷ ହୋଇଥିଲା । ସେତେବେଳେ ଖରିଫ ପାଇଁ ଜିଲ୍ଲାରେ ୩୫ହଜାର ମେଟ୍ରିକ ଟନ, ଏସ୍‌ଏସପି -୩୦୦୦ ମେଟ୍ରିକ ଟନ, ପଟାସ-୮, ୦୦୦, ଡିଏପି ୧୫୦୦୦-ମେଟ୍ରିକ ଟନ ଓ ବିଭିନ୍ନ କିସମର ଡିଏପି ୧୫୦୦୦ମେଟ୍ରିକ ଟନ୍‌ର ଆବଶ୍ୟତା ଥିଲା । ହେଲେ ଆବଶ୍ୟକ ଅନୁଯାୟୀ ସାର ଯୋଗାଣ ହୋଇଥିଲେ ବି କଳାବଜାରୀ ତଥା ଚୋରା ଚାଲାଣ ଯୋଗୁଁ ଶେଷ ବେଳକୁ ଚାଷୀ ସଂକଟର ସମ୍ମୁଖୀନ ହୋଇଥିଲା । ଏହାକୁ ନଜରକୁ ନେଇ କୃଷି ବିଭାଗ ଏବେ ଠାରୁ ଚୋରା ଚାଲାଣ ପ୍ରତି ଦୃଷ୍ଟି ନ ଦେଲେ ସାର ଅଭାବୀ ଦେଖାଦେବା ସୁନିଶ୍ଚିତ ବୋଲି ଚାଷୀମାନେ କହିଛନ୍ତି ।

ଏନେଇ ଧର୍ମଗଡ଼ ଜିଲ୍ଲାକୃଷି ଅଧିକାରୀ ନୌକେଶ୍ୱର ନାଗଙ୍କୁ ଯୋଗାଯୋଗ କରିଥିଲେ ହିଁ ସମ୍ଭବ ହୋଇ ପାରିନାହିଁ ।

## ଉତ୍କଳମଣି ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ

**ଜୁନାଗଡ଼, ୧୮ ।୮(ସମିସ):** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଦେଦର ପଞ୍ଚାୟତ ଧରଣୀପଚ୍ଛା, ବାଞ୍ଛିବାହାଲରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ଉଦ୍ଧବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରମେଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଦାମୋଦର ବେହେରା ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଭଗବାନ ସାହୁ ଓ ସୁନ୍ଦରମୋହନ ଛତ୍ରିଆ ଯୋଗ ଦେଇଥିଲେ । ସମ୍ପାଦକ ଅଜୟ ଦାସ ସୂଚନା ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ହେମନ୍ତ ସାସମଲ ଧନ୍ୟବାଦ ଅର୍ପଣ କରିଥିଲେ । ଟୁଟା ମାଝୀ, ବାରୁ ମାଝୀ, ମାନିଆ ମାଝୀ, ଲକ୍ଷଣ ସାହୁ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ ।



## କେସିଙ୍ଗାରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ

**କେସିଙ୍ଗା, ୧୮ ।୬(ସମିସ):** ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ବୁଧବାର କେସିଙ୍ଗାରେ ଆରମ୍ଭ ହୋଇଛି । ଉକ୍ତ ଯୋଜନାରେ ପିଛିଲା ୩ ମାସର ଚାଉଳ ଦିଆଯାଇଛି । ତଦାରଖ ଓ ସୁବଣ୍ଟନର ବ୍ୟବସ୍ଥା ତଦାରଖ କରିବା ପାଇଁ ବୁଧବାର ଚାଉଳ ବିତରଣ କେନ୍ଦ୍ରରେ ପହଞ୍ଚିଥିଲେ କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, କେସିଙ୍ଗା ବ୍ଲକ ଯୋଗାଣ ଅଧିକାରୀ ସୁଶାନ୍ତ ସ୍ୱାଇଁ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ଅନ୍ୟାନ୍ୟ କର୍ମକର୍ତ୍ତା । ପ୍ରକାଶ ଥାଉ କି, ଉକ୍ତ ଯୋଜନାରେ କେସିଙ୍ଗା ବ୍ଲକର ପ୍ରାୟ ୩୦ ହଜାର ରାସନକାର୍ଡଧାରୀ ଓ କେସିଙ୍ଗା ଏନ୍‌ଏସିର ପ୍ରାୟ ୩ ହଜାର ୬ଶହ ରାସନ କାର୍ଡଧାରୀ ଉପକୃତ ହେବେ ।

### ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭାବନୀୟ ଘଟଣା

## ନବଜାତକର ମୃତଦେହକୁ କୁକୁର ଝୁଣିଦେଲା

**ନୂଆପଡ଼ା/ସିନାପାଲି/କୋମନା, ୧୮।୬(ସମିସ):** ନୂଆପଡ଼ା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ବୁଲା କୁକୁର ଝୁଣି ଦେଇଥିବା ଏକ ନବଜାତ ଶିଶୁର ମୃତଦେହକୁ ଉଦ୍ଧାର କରାଯାଇଛି । ଶିଶୁର ମୃତଦେହକୁ କୁକୁରମାନେ ଆଣି ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ପକାଇଥିବା ଜଣାପଡ଼ିଛି । ଘଟଣାସ୍ଥଳରେ ନୂଆପଡ଼ା ପୁଲିସ ପହଞ୍ଚି ଶବ ଜବତ କରିଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ କରିଛି । ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ନବଜାତ ଶିଶୁ ମୃତଦେହ ଆସିଲା କେଉଁଠୁ, ଏହି ଶିଶୁର ସଠିକ୍ ପରିଚୟ, ଶିଶୁର ମୃତ୍ୟୁ ସ୍ୱାଭାବିକ ହୋଇଛି ନା ଅନ୍ୟ କିପରି ମୃତ୍ୟୁ ଘଟିଛି ତଦନ୍ତ ଚାଲିଥିବାବେଳେ ତଦନ୍ତ ପରେ ଏହା ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

## ପମ୍ପ ହାଉସରୁ ମୋଟର ଚୋରି ଅଭିଯୋଗ

**କେସିଙ୍ଗା, ୧୮ ।୬(ସମିସ):** କେସିଙ୍ଗା ବୋରିଙ୍ଗପଦର ଆରଏମସି ରାସ୍ତା ଶେଷ ମୁଣ୍ଡରେ ଥିବା ଆଦିମାତା ଏଲଆଇ ପଏଣ୍ଟ-୩ ପମ୍ପ ହାଉସ୍‌ରୁ କିଛି ଦୁର୍ବୃତ୍ତ ମୋଟର ଚୋରି କରିନେଇଥିବା ଅଭିଯୋଗ ହୋଇଛି । ସକାଳେ ଘଟଣା ଜଣାପଡ଼ିବା ପରେ ଉକ୍ତ ପମ୍ପ ହାଉସ ଉପରେ ନିର୍ଭର କରୁଥିବା ଚାଷୀମାନେ କେସିଙ୍ଗା ଥାନାକୁ ଆସି ଲିଖିତ ଅଭିଯୋଗ କରି ଯଥାଶୀଘ୍ର ଚୋରକୁ ଧରିବାକୁ ନିବେଦନ କରିଛନ୍ତି । ଅଭିଯୋଗ ପାଇବା ପରେ ପୁଲିସ ତଦନ୍ତ ଆରମ୍ଭ କରୁଥିବା ଜଣାପଡ଼ିଛି ।

# ପଞ୍ଚାୟତ ସମିତି ସ୍ତରୀୟ ଜାତି-ଜନଜାତି ସମ୍ବାଦ ବୈଠକ









**ଲାଞ୍ଜିଗଡ଼, ୧୮।୬(ସମିସ)**

ରାଜ୍ୟରେ ବିଜେପି ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନ୍ତର୍ଗତ ଲାଞ୍ଜିଗଡ଼ ପଞ୍ଚାୟତ ସମିତିସ୍ତରୀୟ ସମ୍ମିଳନୀ ଜାତି ଜନଜାତି ସମ୍ବାଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ବୈଠକରେ ଗତ ଦୁଇ ବର୍ଷ ମଧ୍ୟରେ ହୋଇଥିବା ବିଭିନ୍ନ ଯୋଜନା ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର, ସାଂସଦ ପ୍ରତିନିଧି ନିରଞ୍ଜନ ବିଭାର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟକାନ୍ତ ଭୁଏ, ସମାଜସେବୀ ହରିଶଙ୍କର ପାତ୍ର, ଲକ୍ଷ୍ମୀକାନ୍ତ ସନ୍ତୋଷରାୟ, ମହିଳା ସମାଜସେବୀ ଫୁଲମେ ମାଝୀ, ଆଦିବାସୀ ପ୍ରତିନିଧି ଶୁକ୍ରୁ ମାଝୀ, ଅନୁସୂଚିତ ଜାତି ପ୍ରତିନିଧି ପ୍ରମୋଦ ବିଭାର ପ୍ରମୁଖ ମଞ୍ଚାସୀନ ଥିଲେ । ଗୋପାଳଦାସ ମହାନନ୍ଦ ମଞ୍ଚ ପରିଚାଳନା କରିଥିବାବେଳେ ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳୀୟାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

**ଥୁଆମୂଳ ରାମପୁର:** ଥୁଆମୂଳ ରାମପୁର ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ପ୍ରତିନିଧି ପବିତ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଏସ୍‌ସି ମୋର୍ଚ୍ଚା ସଭାପତି ବିଷ୍ଣୁ ନାଏକ, ଜିଲ୍ଲା ଏସ୍‌ଟି ମୋର୍ଚ୍ଚା ସଭାପତି ପ୍ରକାଶ ମାଝୀ, ଜିଲ୍ଲା ପରିଷଦ ସଦସ୍ୟା ଟୁନି ଖୋସ୍ଲା, ସ୍ଥାନୀୟ ସମିତି ସଭ୍ୟା ପୁଷ୍ପାଞ୍ଜଳି ନାଏକ, ବିଜେପି ମଣ୍ଡଳ ସଭାପତି ଦୟାନିଧି ଭୋଇ ଓ ପୁଷ୍ପ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶିକ୍ଷା, କଳା, କୃଷି, ନାରୀ ସଶକ୍ତିକରଣ, କ୍ରୀଡା ଓ ସାମାଜିକ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ମୋଟ ୨୩୮ ଜଣ କାର୍ଯ୍ୟକ୍ରମରେ ଭାଗ ନେଇଥିବା ବେଳେ ସେଥିରୁ ୧୦୦ ଜଣଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ନୋଡାଲ ଅଧିକାରୀ ତଥା ବ୍ଲକ ମଙ୍ଗଳ ଅଧିକାରୀ ଶୁଭଜିତ ରଞ୍ଜନ ସ୍ୱାଇଁ ଏବଂ ବିପିସି (ଓଏଲ୍‌ଏମ୍) ପ୍ରତାପ ନାଏକ ଉପସ୍ଥିତ ଥିଲେ । ମଞ୍ଚ ପରିଚାଳନା ଆବାସ ଯୋଜନା ସଂଯୋଜକ ରାଜେନ୍ଦ୍ର ନାରାୟଣ ଦେବ କରିଥିଲେ । ବୈଠକରେ ଉପସ୍ଥିତ ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ।

**ମ.ରାମପୁର:** ମ. ରାମପୁର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡ଼ିଓ ଶରତ କୁମାର ସେଠୀ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ମୁଖ୍ୟ ବକ୍ତା ସାଂସଦ ପ୍ରତିନିଧି ପଦ୍ମଲୋଚନ ମିଶ୍ର, ସମ୍ମାନିତ ଅତିଥି ଆଦିବାସୀ ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ସୁଶ୍ରୀ ରୀତା ଭୋଇ, ଜିଲ୍ଲା ପରିଷଦ ସଦସ୍ୟା ମଞ୍ଜୁଲତା ଧରୁଆ, ଅନୁସୂଚିତ ଜାତି ଜିଲ୍ଲା ସଭାପତି ବୃନ୍ଦାବନ ନାଗ, ଆଦିବାସୀ ସମାଜ ଜିଲ୍ଲା ସଭାପତି ପ୍ରକାଶ ଚନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ସାମ୍ବାଦିକ ହେମନ୍ତ ସାହୁ ସଭା ପରିଚାଳନା କରିଥିଲେ । ଆଚାର୍ଯ୍ୟ ଅକ୍ଷୟ ତ୍ରିପାଠୀଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ୟାମ ସୁନ୍ଦର ନାଏକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଜାତି ଓ ଜନଜାତି ବର୍ଗ ର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି, କୃତୀ ଛାତ୍ରଛାତ୍ରୀ, ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

**କଳମପୁର:** କଳମପୁର ବ୍ଲକ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ନିଜ ନିଜ ବାର୍ଷିକ କାର୍ଯ୍ୟ ଖସଡ଼ା ବିବରଣୀ ଉପସ୍ଥାପନା କରିଥିଲେ । ଶିକ୍ଷା, ଭିବିଜୀ ରାମଜୀ, ସ୍ୱଚ୍ଛ ଭାରତ ମିଶନ, ପୂର୍ତ୍ତ ବିଭାଗ, ସିଏମ୍ କିଷାନ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ସୁଭଦ୍ରା ଶକ୍ତି ମିଶନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶଶକ୍ତି କରଣ, ଅନୁସୂଚିତ ଜାତି ଜନଜାତି ବିଭାଗ ଗୁଡିକ ନିଜ ନିଜ ଷ୍ଟଲ କରି ବର୍ଷକ ମଧ୍ୟରେ କ'ଣ ସବୁ କରିଛନ୍ତି ଓ କ'ଣ କରିବାକୁ ଯୋଜନା କରିଛନ୍ତି ଜନସାଧାରଣଙ୍କୁ ଅବଗତ କରିଥିଲେ । ବ୍ଲକ ଅଧ୍ୟକ୍ଷା ଜ୍ୟୋତି ନାଏକ, ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ବିଡ଼ିଓ ବିଜୟ ମାଣ୍ଡାଙ୍ଗି, ସାଂସଦ ପ୍ରତିନିଧି ଅରୁଣ ଜଗରିଆ ପ୍ରମୁଖ ପ୍ରତ୍ୟେକ ଷ୍ଟଲ ପରିଦର୍ଶନ ସହିତ ସମସ୍ତ ବିବରଣୀ ପଚାରି ବୁଝିଥିଲେ । ମିଶନ ଶକ୍ତି ବିପିଏମ ରିଗାନ୍ୟୁୟସ ଏକ୍କା ଏହାକୁ ସଂଯୋଜନା କରିଥିବା ବେଳେ କନିଷ୍ଠ ଯନ୍ତ୍ରୀ ପୀତାମ୍ବର ହେମ୍ବ୍ରମ, ମୋତିରାମ ସେଠୀ, ସହକାରୀ ଯନ୍ତ୍ରୀ ପ୍ରକାଶ ସେଠୀଙ୍କ ସମେତ ସମସ୍ତ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ ।

